ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ଶୋକ

**ଧର୍ମଶାଳା,୭।୧୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଏହି ଶୋକସଭା କରାଯିବା ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମହାନ୍ତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଜେଡି ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ପ୍ରଣତୀ ଲେଙ୍କା, ସ୍ମୃତିରେଖା ବେହେରା, ଚକ୍ରଧର ବେହେରା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ଓ ୪୫ ପଞ୍ଚାୟତର ବିଜେଡି ସଭାପତି ପ୍ରମୁଖ ଯୋଗଦେଇ ଓଡ଼ିଶା ଜଣେ ବରେଣ୍ୟ ନେତାଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିବା ସହିତ ଶୋକ ପ୍ରକାଶ କରିଥିଲେ।

### ସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକ ଉତ୍ସବ

**କଳିଙ୍ଗନଗର,୭।୧୧(ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ ଅନ୍ତର୍ଗତ ମାଣତିରା ପଞ୍ଚାୟତ ରାବଣା ଗ୍ରାମର ଶ୍ରୀସତ୍ୟସାଇ ଭଜନମଣ୍ଡଳୀର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃରୁ ଓଁ କାରମ, ସୁପ୍ରଭାତମ ପରେ ନଗର ସଂକୀର୍ତ୍ତନ କରାଯାଇ ଷୋଡଶ ଉପଚାର ପୂଜା କରାଯାଇଥିଲା। ଏହାପରେ ସମୂହ ସେବା କାର୍ଯ୍ୟ କରାଯାଇଥିଲା। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାରର ନିର୍ଦ୍ଦେଶକଙ୍କ ନେତୃତ୍ୱରେ କର୍ମଚାରୀମାନେ ମୋଟ୍ ୩୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ବାବାମଣି ମା' ତାରିଣୀ ମଠର ମଠାଧୀଶ ଉଦ୍‌ଘାଟନ କରିଥିଲେ। ଜିଲା ବେଦ ସଂଯୋଜକ ହିମାଂଶୁ ରାୟଙ୍କ ନେତୃତ୍ୱରେ ତ୍ରୟୀରୁଦ୍ରମ କରାଯାଇଥିଲା। ଅପରାହ୍ନରେ ବାବାଙ୍କ ସୁସଜ୍ଜିତ ପାଲିଙ୍କି ସହ କଳସ ଶୋଭାଯାତ୍ରା ରାବଣା ଓ କେନ୍ଦୁଡିପ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଭଜନ ପରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀସତ୍ୟସାଇ ସେବା ସଂଗଠନ, ଯାଜପୁରର ଜିଲା ସଭାପତି ଡା. ନିଶିକାନ୍ତ କର ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଆବାହକ ହରିହର ନାଥ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ଟ୍ରଷ୍ଟ ମେମ୍ବର ରଶ୍ମିରଞ୍ଜନ ରାୟ ଓ ଯାଜପୁର ରୋଡ୍ ଆବାହକ ଡାକ୍ତର ସଦାନନ୍ଦ ମହାନ୍ତି ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାନନ୍ଦ ମହାନ୍ତି, ପୁଷ୍ପଲତା ଜେନା ଯୋଗ ଦେଇଥିଲେ। ସଂଯୁକ୍ତା ସେଠୀ କୃତଜ୍ଞତା ଜ୍ଞାପନ କରିଥିଲେ।

# ମକୁନ୍ଦପୁର ଘାଟରୁ ବେଆଇନ ବାଲି ଚାଲାଣ

- ନକଲି ଟିପିରେ ଚାଲିଛି ପରିବହନ
- ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ, କାମରେ ଲାଗୁନି ଅଭିଯୋଗ

**ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୭।୧୧ :**

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ବାଲିଘାଟରୁ ବେଆଇନ ଉତ୍ତୋଳନ ପୁଣି ବଢିବାରେ ଲାଗିଛି। ଏହି ନଦୀରେ ବନ୍ୟା ଆସିବା ପରେ ବାଲି ଉତ୍ତୋଳନ ବନ୍ଦ ରହିଥିଲା । ଏଥିସହିତ ଏକାଧିକ ଖାଦାନ ମଧ୍ୟ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ମାମଲା ପାଇଁ ବନ୍ଦ ଥିଲା । ଏବେ ଶୁଖିଲା ପାଗ ପରେ ପୁନର୍ବାର ସମସ୍ତ ବାଲିଘାଟ ଚଳଚଞ୍ଚଳ ହୋଇଉଠିଛି । ଏହି ତହସିଲ ଅଧୀନ ମକୁନ୍ଦପୁର ଖାଦାନରୁ ପ୍ରତିଦିନ ପ୍ରୋକୋଲିନ ମେଶିନରେ ବାଲି ଉତ୍ତୋଳନ କରାଯାଇ ହାଇୱାରେ ରୀତିମତ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ବାଲି ଚୋରି କରୁଥିବା ଅଭିଯୋଗ ହେବା ପରେ ବ୍ୟାସନଗର ତହସିଲ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ୨୬ ଲକ୍ଷ ଟଙ୍କାର ଜୋରିମାନା ହୋଇଥିଲା । ଏହାକୁ ପୈଠ ନ କରି ସମ୍ପୃକ୍ତ ବ୍ୟବସାୟୀ ପୁନଶ୍ଚ ବାଲି ଚୋରି କରୁଥିବା ଚର୍ଚ୍ଚା ହେଉଛି । ବୈତରଣୀ ନଦୀର ମକୁନ୍ଦପୁର ମୌଜା ଖାତା ନମ୍ବର ୧୨୨ର ପ୍ରାୟ ୧୨ ଏକର ଜମିରୁ କେତେକ ମୁଷ୍ଟିମେୟ ଲୋକ ଓ ଦୁର୍ନୀତିଗ୍ରସ୍ତ ରାଜସ୍ୱ କର୍ମଚାରୀଙ୍କୁ ହାତକରି ଏହି ବ୍ୟବସାୟୀ ଜଣକ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ମକୁନ୍ଦପୁର ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି । ସବୁଠାରୁ ବଡ଼କଥା ହେଉଛି ଏହି ଖାଦାନଟି ସରକାରୀସ୍ତରରେ ନିଲାମ ଦିଆଯାଇନାହିଁ । ଭଦ୍ରକ ଜିଲାର ଏକ ସ୍ୱୀକୃତିପ୍ରାପ୍ତ ବାଲିଘାଟର ନକଲି ଟ୍ରାନଜିଟ୍ ପାସ୍ (ଟିପି) ବ୍ୟବହାର କରି ଖୁଲମଖୁଲା ବାଲି ପରିବହନ ହେଉଥିବା କୁହାଯାଉଛି। ଯାହା ଫଳରେ ବାଲି ବୋଝେଇ ଗାଡ଼ିଗୁଡିକ ଗ୍ରାମ ରାସ୍ତାରେ ଚଳଚଞ୍ଚଳ ହୋଇ ଉଠିଛି। ଅନ୍ୟପକ୍ଷେ ବାଲି ପରିବହନରେ ନକଲି ଟିପି ବ୍ୟବହାର ହେଉଥିବା ଜାଣି ମଧ୍ୟ ସମ୍ପୃକ୍ତ କର୍ମଚାରୀମାନେ ନୀରବ ରହୁଥିବା ଆଲୋଚନା ହେଉଛି ।


ଘାଟରୁ ବାଲି ଚାଲାଣ ହେଉଛି।

ଏହାବାଦ୍ ଓଭରଲୋଡିଂ ବାଲି ଗାଡ଼ି ପରିବହନ ଯୋଗୁ ବୈତରଣୀ ନଦୀକୁଳ କଣ୍ଟାବଣିଆ, ସାହାଡାଶୁଣି, ରଣପୁର, ମୁକୁନ୍ଦପୁର, ମଥୁରାପୁର, ନିସଙ୍ଗପୁର, ମୂଳାପାଳ, ସାଳବା, ଧନତ୍ରୀ, ଗୋବିନ୍ଦପୁର, ବରପଦା ଆଦି ଗ୍ରାମର ନଦୀବନ୍ଧ ଦୁର୍ବଳ ହୋଇ ପଡିଛି। ନଦୀବନ୍ଧଗୁଡିକରେ ଏଭଳି ବ୍ୟବହାର ଯୋଗୁ ପୂର୍ବରୁ ଏକାଧିକ ଘାଇ ସୃଷ୍ଟି ହୋଇଥିବା ନଜିର ରହିଛି। ଅପରାହ୍ନ ୫ଟାରୁ ଆରମ୍ଭ କରି ସକାଳ ଯାଏ ରାତି ତମାମ ଏହି ଚୋରି ପ୍ରକ୍ରିୟା ଚାଲୁଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଠାରୁ ପରିଚାଳନା ଅନୁମତି ବା କନସେଣ୍ଟ ଟୁ ଅପରେଟ (ସିଟିଓ) ଏବଂ ପରିବେଶଗତ ଅନୁମତି ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସ (ଇସି) ନ ଥାଇ ସଂପୃକ୍ତ ବାଲି ବ୍ୟବସାୟୀମାନେ ଦୀର୍ଘ ଦିନ ହେଲା ବେଆଇନ ଭାବେ ଏହି ଘାଟରୁ ବାଲି ଚୋରାଚାଲାଣ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ନଦୀ ଗର୍ଭରୁ ବନ୍ଧ ରାସ୍ତା ଦେଇ ବାଲି ଉତ୍ତୋଳନ କରୁଥିବା ବେଳେ ସାମାନ୍ୟ ବନ୍ୟା ଆସିଲେ ନିକଟସ୍ଥ ଗ୍ରାମଗୁଡ଼ିକରେ ବନ୍ୟା ପାଣି ପଶିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏହାସହ ପ୍ରତିଦିନ ଭାରିଯାନ ଚଳାଚଳ କରିବା ଦ୍ୱାରା କେତେକ ଗ୍ରାମର ରାସ୍ତା ଘାଟ ବିପର୍ଯ୍ୟସ୍ତ ହେବା ସହିତ ସ୍ଥାନୀୟ ଜନସାଧାରଣ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବେଆଇନ ବାଲି ଉତ୍ତୋଳନ ଯୋଗୁ ସରକାରଙ୍କ ବିପୁଳ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ସହ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଉଛି । ସାଧାରଣ ଲୋକଙ୍କ ସ୍ୱାର୍ଥକୁ କୁଠାରଘାତ କରି ପ୍ରଶାସନ କିପରି ଏହି ବେଆଇନ ବାଲି ଚୋରିକୁ ସହଯୋଗ କରୁଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ସଂପୃକ୍ତ ଗ୍ରାମବାସୀ ବ୍ୟାସନଗର ତହସିଲ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରି ନୟାନ୍ତ ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ତହସିଲରେ ନୂଆକରି ଯୋଗ ଦେଇଛନ୍ତି। ତେଣୁ ବାଲି ଖାଦାନ ଉପରେ କୌଣସି ମତାମତ ଏବେ ସେ ଦେଇ ପାରିବେ ନାହିଁ।

# ଲୋପାମୁଦ୍ରାଙ୍କ ପରିବାରକୁ ରାଜନେତାଙ୍କ ସମବେଦନା

**ବରୀ,୭।୧୧(ମହେନ୍ଦ୍ର ସ୍ୱାଇଁ):**

ଭୁବନେଶ୍ୱରରେ ରେଞ୍ଜ ରୋଭର କାର୍ ଦୁର୍ଘଟଣାରେ ଗୁରୁତର ହୋଇ ମୃତ୍ୟୁବରଣ କରିଥିବା ବରୀ ବ୍ଲକ୍ ଅଧୀନ ଅନ୍ୟାସୀପୁର ଗ୍ରାମର ଲୋପାମୁଦ୍ରା ସାହୁଙ୍କ ପରିବାରକୁ ରାଜନେତାଙ୍କ ମହଲରୁ ସମବେଦନାର ସୁଅ ଛୁଟିଛି। ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ଓ ବରୀ ଭାଜପା ନେତା ଉମେଶ ଜେନା ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ସେହିପରି ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତି ଦେଓ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ପରିବାରର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ସେ ସହଯୋଗର ହାତ ବଢ଼ାଇବା ସହ ସରକାରଙ୍କ ତରଫରୁ ନ୍ୟାୟ ପ୍ରଦାନ କରା ନ ଗଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ସେ ଗଣମାଧ୍ୟମ ଆଗରେ ମତରଖିଛନ୍ତି। ବରୀ ଯୁବ କଂଗ୍ରେସ ସଭାପତି ଅମରେଶ ପରିଡ଼ା ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେଇଛନ୍ତି। ଏଥିସହିତ ସେ କହିଛନ୍ତି, ରାଜ୍ୟ ସରକାର ମୃତକଙ୍କ ପରିବାରକୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ଜଣଙ୍କ ଶାସକ ଦଳର ହୋଇଥିବାରୁ ପୋଲିସ ତଦନ୍ତରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ୩ ଦିନ ମଧ୍ୟରେ ତଦନ୍ତ କରାଯାଇ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରା ନ ଗଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।


ଯାଜପୁର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତି ଦେଓ ଲୋପାମୁଦ୍ରାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଉଛନ୍ତି।

# ଟାଟାଷ୍ଟିଲ୍ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶୁଭାରମ୍ଭ


ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ କରାଯାଉଛି।

**କାଳିଆପାଣି,୭।୧୧(ଅସିତ ମହାନ୍ତ):**

କାଳିଆପାଣି କ୍ରୋମାଇଟ ଖଣି ଅଞ୍ଚଳର ପାରିପାର୍ଶ୍ୱିକ ଲୋକଙ୍କ ଘର ପାଖରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ଶୁଭାରମ୍ଭ କରାଯାଇଛି। ଏଥିସହ ଏକ ଆମ୍ବୁଲାନ୍ସସେବାର ମଧ୍ୟ ଶୁଭାରମ୍ଭ ହୋଇଛି। ୩୭ ନମ୍ବର ଜିଲା ପରିଷଦ ଜୋନ ସଭ୍ୟା ଜେମା ଚାଖି ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଛନ୍ତି। ଏ ସମ୍ପର୍କରେ ଟାଟାଷ୍ଟିଲ ଫେରୋ ଆଲଏଜ ଆଣ୍ଡ ମିନେରାଲ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ଆମ କାର୍ଯ୍ୟକ୍ଷେତ୍ର ପରିସରର ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସବୁବେଳେ ଯତ୍ନବାନ ରହି ଆସିଛୁ। ଏହି ମୋବାଇଲ ପବ୍ଲିକ ହେଲ୍‌ଥ ୟୁନିଟ ଓ ନୂତନ ଆମ୍ବୁଲାନ୍ସ ସୁବିଧାର ଶୁଭାରମ୍ଭ ଦ୍ୱାରା ଖଣି ଅଞ୍ଚଳବାସୀ ବିଶେଷ ଉପକୃତ ହେବେ ବୋଲି ଆଶା ରଖିଛୁ। ଭ୍ରାମ୍ୟମାଣ ଜନସ୍ୱାସ୍ଥ୍ୟ ୟୁନିଟ ଅଞ୍ଚଳର ୪ ପଞ୍ଚାୟତ ଯଥା କାଳିଆପାଣି, ରାଂସୋଳ, ଟିଙ୍ଗୁଡିପାଳ ଓ କଅଁସ ପଞ୍ଚାୟତର ୩୨ରୁ ଊର୍ଦ୍ଧ୍ୱ ଗାଁ ବୁଲି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ। ଏଥିରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପ୍ରଦାନ କରାଯିବ। ଲୋକେ ଘର ପାଖରେ ମାଗଣା ଡାକ୍ତରୀ ପରାମର୍ଶ ସହ ଔଷଧ ପାଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହିତ ଟାଟା ଷ୍ଟିଲ ଫାଉଣ୍ଡେଶନର ଏହି ଅଭିନବ ଉପକ୍ରମକୁ ପ୍ରଶଂସା କରିଛନ୍ତି। ଉତ୍ସବରେ କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ରାଂସୋଳ ସରପଞ୍ଚ କନକଲତା ସର୍ଦ୍ଦାର, ଟିଙ୍ଗୁଡ଼ିପାଳ ସରପଞ୍ଚ ଅଞ୍ଜଳି ଦେହୁରୀ ଓ କାଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଟାଟା ଷ୍ଟିଲ ଫାଉଣ୍ଡେଶନର ୟୁନିଟ ହେଡ୍ ଦେବାଞ୍ଜନ ମୁଖାର୍ଜୀ, ସୁକିନ୍ଦା କ୍ରୋମାଇଟ ଖଣି ମୁଖ୍ୟ ଶମ୍ଭୁନାଥ ଝା, କମର୍ଦ୍ଧା ଓ ସାରୁଆବିଲ ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ, ଏଫ୍‌ଏମ୍‌ଡି ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଯାଜପୁରଟାଉନ,୭।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଇଟା ପକାଇବା ବେଳେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଥାନା ଅଧୀନ ବଡ଼ଚଇନପୁର ଅଞ୍ଚଳର କୁଶ ଜେନା (୩୨)। କୁଶ ଖଇରାବାଦ ଅଞ୍ଚଳରେ ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ସକାଳୁ ତାଙ୍କ ମୃତ୍ୟୁ ଖବର ଆସିଥିଲା। ଇଟା ଭାଟିକୁ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ମେଡିକାଲରେ ବୟାନ ବଳଦି ଯାଇଛି। ଇଟା ପକ୍କାସ୍ଥଳରେ ଥିବା ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଏନେଇ ତାଙ୍କ ପରିବାର ଲୋକ କିଛି ଅଭିଯୋଗ କରି ନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଅସିବା ପରେ ମୃତ୍ୟୁ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଦୋକାନରୁ ଲୁଟ୍

**ରସୁଲପୁର,୭।୧୧(ରଂଜିତ ରାଉତ):**

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଝଟିଆ ଶାସନଗ୍ରାମର ଦୀପ୍ତିରଞ୍ଜନ ଦାଶଙ୍କ ଗ୍ରୋସରୀ ଦୋକାନରୁ ସୋମବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ୨୦ହଜାର ଟଙ୍କା ଓ କିଛି ସାମଗ୍ରୀ ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳେ ଦୀପ୍ତିରଞ୍ଜନ ଦୋକାନ ଖୋଲିବା ବେଳକୁ ଏକଥା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତ ଦୋକାନରେ ଥିବା ଅନେକ ସାମଗ୍ରୀକୁ ଏଣେତେଣେ ଫୋପାଡି ଦେଇଥିବା ଦୀପ୍ତିରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ତାଙ୍କ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ବକେୟା ପ୍ରାପ୍ୟ ଦାବିରେ ଠିକାଦାରଙ୍କ ଧାରଣା

**ବିଭିନ୍ନ ଆଳ ଦେଖାଇ ଠକି ଚାଲିଛି ଠିକା କମ୍ପାନୀ**

**ପାଣିକୋଇଲି,୭।୧୧(ବିକାଶ ମଲ୍ଲିକ):**

ଓପିଟିସିଏଲ୍‌ଠାରୁ ବିଦ୍ୟୁତ୍ ତାର ଟଣା ଓ ଖୁଣ୍ଟ ପୋତା ଆଦି କାର୍ଯ୍ୟ ନିମନ୍ତେ ଠିକା ନେଇଥିବା ପାଣିକୋଇଲିର ଏକ ଘରୋଇ କମ୍ପାନୀ ଠିକାଦାରମାନଙ୍କୁ ପ୍ରାପ୍ୟ ପ୍ରଦାନରେ ଅବହେଳା କରୁଛି। ଏନେଇ ୪ଜଣ ଠିକାଦାର ବାରମ୍ବାର କମ୍ପାନୀ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେବା ପରେ କମ୍ପାନୀ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଧରଣା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ଏହାର ସମାଧାନ କରାଯାଇନାହିଁ ସେ ପର୍ଯ୍ୟନ୍ତ ଅନଶନ ଚାଲୁରହିବ ବୋଲି ସେମାନେ କହିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ କମ୍ପାନୀଠାରୁ ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାର ଠିକାଦାର କାମ ନେଇଥିଲେ। ହେଲେ କାମ କରିବା ପରେ ମଧ୍ୟ ସମ୍ପୃକ୍ତ କମ୍ପାନୀ ଠିକାଦାରମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରୁନାହିଁ। ବିଭିନ୍ନ ଆଳଦେଖାଇ ଠକି ଚାଲିଛି। ଠିକାଦାରମାନେ ସଂସ୍ଥା କାର୍ଯ୍ୟାଳୟକୁ ଦୌଡ଼ିବା ସହ ଯାଜପୁର ଜିଲାପାଳ ଓ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ବାରମ୍ବାର ଆଲୋଚନା ହୋଇଛି। ହେଲେ କମ୍ପାନୀ କର୍ତ୍ତୃପକ୍ଷ ସମାଧାନର ସୂତ୍ର ବାହାର କରୁନାହାନ୍ତି ବୋଲି ଠିକାଦାରମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଠିକା କମ୍ପାନୀ କାର୍ଯ୍ୟାଳୟ ଆଗରେ ଠିକାଦାରମାନେ ଧାରଣା ଦେଇଛନ୍ତି।

# ମଦ୍ୟପଙ୍କ ଆଡ୍ଡାସ୍ଥଳ କୁଣ୍ଡପାଟଣା-ସାମନ୍ତରାପୁର ସେତୁ

**ବ୍ରହ୍ମବରଦା,୭।୧୧(ଯଯାତି କେଶରୀ ବେହେରା):**

ମଦ୍ୟପଙ୍କ ଆଡ୍ଡାସ୍ଥଳି ପାଲଟିଛି ବ୍ରାହ୍ମଣୀ ନଦୀର କୁଣ୍ଡପାଟଣା-ସାମନ୍ତରାପୁର ସେତୁ। ବ୍ରହ୍ମବରଦା ଥାନା ରାଉତରାପୁର ପଞ୍ଚାୟତଠାରେ ନିର୍ମିତ ଏହି ସେତୁରେ ସନ୍ଧ୍ୟାହେଲେ ମଦ୍ୟପ ମଦ୍ୟପାନ କରୁଛନ୍ତି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସାମନ୍ତରାପୁର ଓ ରାଉତରାପୁର ପଞ୍ଚାୟତ ବ୍ରିଜ ପାଖରେ ମଦ ଚୋରାରେ ବିକ୍ରି ହେଉ ହେଉଛି। ମଦପିଇ ଯୁବପିଢି ପଥ ଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ଚୋରି ରାହାଜାନି ବଢ଼ିବାରେ ଲାଗିଛି। ଫଳରେ ବୁଦ୍ଧିଜୀବୀ ପୋଲିସ ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠାଇ ଅସନ୍ତୋଷ ଜାହିର କରିଛନ୍ତି। ଏନେଇ ବ୍ରହ୍ମବରଦା ଥାନା ଅଧିକାରୀଙ୍କୁ ପଚାରିବାରୁ ଚୋରା ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ସେତୁରେ ମଦବୋତଲ ଗଡୁଛି।

# ଯାଜପୁରରୋଡ୍ ରେଳ ଷ୍ଟେଶନରେ ଯାତ୍ରୀ ସଚେତନତା

**ଯାତ୍ରା ସମୟରେ ବାଣ ଓ ବିସ୍ଫୋରକ ଦ୍ରବ୍ୟ ନେବା ନିଷେଧ**

**ଯାଜପୁରରୋଡ୍,୭।୧୧ (ପବିତ୍ର ରଞ୍ଜନ ମହାନ୍ତି):**

ଆସୁଛି ଦୀପାବଳି। ତେଣୁ ଟ୍ରେନ ଯାତ୍ରୀମାନେ ଯାତ୍ରା ସମୟରେ ସାଙ୍ଗରେ ବିସ୍ଫୋରକ ଦ୍ରବ୍ୟ ଓ ବାଣ ନ ନେବା ପାଇଁ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ଯାଜପୁର ରୋଡ ରେଳ ଷ୍ଟେଶନରେ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଯାଇଛି। ଏଥିସହିତ ଯାତ୍ରା କରିବାକୁ ଅପେକ୍ଷା କରିଥିବା ଯାତ୍ରୀଙ୍କ ଲଗେଜଗୁଡିକୁ ଯାଞ୍ଚ କରାଯାଇଛି। ଯାତ୍ରୀଙ୍କୁ ବାଣ ଓ ବିସ୍ଫୋରକ ଦ୍ରବ୍ୟ ନେଲେ ସେଥିରେ ଥିବା ଦଣ୍ଡ ସମ୍ପର୍କରେ ସୂଚନା ଦିଆଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଯାଜପୁର ରୋଡ ଆରପିଏଫ୍ ଅଧିକାରୀ ପ୍ରବୀନ କୁମାର ସୂଚନା ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମରେ ଆର୍‌ପିଏଫ୍‌ର କର୍ମଚାରୀମାନେ ସାମିଲ ହୋଇଥିଲେ।



ରେଳ ସୁରକ୍ଷା ବଳ ପକ୍ଷରୁ ସଚେତନତା କରାଯାଉଛି।

# ଆରକ୍ଷୀ ଅଧୀକ୍ଷକଙ୍କୁ ନ୍ୟାୟଭିକ୍ଷା କଲେ ଯୁବକ

**ମିଥ୍ୟା ମାମଲାରେ ଗିରଫ କରିଛି ପୋଲିସ**

**ପାଣିକୋଇଲି,୭।୧୧(ବିକାଶ ମଲ୍ଲିକ):**

ମିଥ୍ୟା ମାମଲାରେ ପୋଲିସ ଜଣେ ଯୁବକ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ଯାଜପୁର ଜିଲା ଯଖପୁରା ଥାନା ଅଞ୍ଚଳର ଦଳିତ ଯୁବକ ଶଙ୍କର ମଲ୍ଲିକ ଏହି ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ନ୍ୟାୟ ନ ମିଳିଲେ ତାଙ୍କ ସପରିବାର ଆତ୍ମହତ୍ୟା କରିବେ ପଛେ ଆଉ ଏ ସ୍ଥାନକୁ ଆସିବେ ନାହିଁ ବୋଲି ଶଙ୍କର ଆରକ୍ଷୀ ଅଧୀକ୍ଷଙ୍କୁ ଜଣାଇଛନ୍ତି।

ଅଭିଯୋଗ ଅନୁସାରେ, ଯଖପୁରା ମୌଜାରେ ଏକ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ଅଧିଗ୍ରହଣ ହୋଇଥିବା ସରକାରୀ ଜମିରେ ଶଙ୍କରଙ୍କ ପୂର୍ବପୁରୁଷ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ଶଙ୍କର ଓ ତାଙ୍କ ସହଯୋଗୀମାନେ ଉକ୍ତ ପ୍ଲାଣ୍ଟରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଥିଲେ। ନଚେତ୍ ଠିକା କାର୍ଯ୍ୟ ଦେବା ଲାଗି ଦାବି କରି ଆସୁଥିଲେ। ମାତ୍ର ଯଖପୁରା ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ସମସ୍ତ ଠିକା କାର୍ଯ୍ୟକୁ ଏକା ହାତେଇବାକୁ ଚାହୁଁଥିଲେ। ଏନେଇ ଗଣ୍ଡଗୋଳ, ମାରପିଟ ଓ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଉଭୟ ପକ୍ଷଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କୁ ଡାକି ଏହାର ସମାଧାନ କରିଥିଲେ। ଫଳରେ ସମସ୍ତ ପକ୍ଷ ନିଜ ନିଜର ଠିକା କାର୍ଯ୍ୟ ଚାଲୁ ରଖିଥିଲେ। ପରେ ସମ୍ପୃକ୍ତ ଠିକାଦାର ଶଙ୍କର ଓ ତାଙ୍କ ସହଯୋଗୀଙ୍କ ଉପରେ ଆକ୍ରୋଶ ରଖି କୁଆଖିଆ ଥାନା ଶ୍ରୀବନ୍ତପୁରର ଗ୍ରାମର ଜଣେ ବନ୍ଧୁଙ୍କ ସହାୟତାରେ ଶଙ୍କରଙ୍କ ସମେତ ପପୁ ମଲ୍ଲିକ, ଦୀପୁ ମଲ୍ଲିକ ଓ ନିରଞ୍ଜନ ମଲ୍ଲିକଙ୍କ ନାମରେ ବୃଦ୍ଧଙ୍କୁ ୧୫ ଲକ୍ଷ ଟଙ୍କା ମାଗିବା ସହ ଜୀବନରୁ ମାରି ଦେବା ଲାଗି ଧମକ ଦେଉଥିବା ଯଖପୁରା ଥାନାରେ ଗତ ମାସ ୨୬ ତାରିଖରେ ଏକ ମିଥ୍ୟା ଅଭିଯୋଗ କରିଥିଲେ।


ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବାକୁ ଆସିଥିବା ଯୁବକ ଶଙ୍କର ମଲ୍ଲିକ।

ପୋଲିସ ଏକ ମାମଲା ନମ୍ବର ୧୨୦/୨୩ ରୁଜୁ କରିବା ସହ ବିନା ଅନୁସନ୍ଧାନରେ ସମସ୍ତ ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲା। ଏନେଇ ଗ୍ରାମରେ ଖବର ପ୍ରସାରିତ ହେବା ପରେ ମହିଳାମାନେ ଥାନାରେ ପହଞ୍ଚିଥିଲେ। ଏହା ଦେଖି ପୋଲିସ ଶଙ୍କରଙ୍କ ସମେତ ତାଙ୍କ ସହଯୋଗୀଙ୍କୁ କୋର୍ଟଚାଲାଣ କରିଥିଲା। ସୋମବାର ସମସ୍ତେ କୋର୍ଟରୁ ଜାମିନରେ ଆସିବା ପରେ ଶଙ୍କର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଘଟଣାର ଉଚିତ୍ ତଦନ୍ତ ଦାବି କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଘଟଣାକୁ ଗୁରୁତର ଭାବେ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଯଖପୁରା ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ପିଆଜ ୨୫ ଟଙ୍କାରେ ବିକ୍ରି କଲା କଂଗ୍ରେସ ଦରବୃଦ୍ଧିର ପ୍ରତିବାଦ

କେନ୍ଦ୍ରାପଡା, ୭।୧୧ (ଜଗନ୍ନାଥ ଧଳ)

ପିଆଜର ଦରବୃଦ୍ଧିକୁ ନେଇ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଅଭିନବ ପ୍ରତିବାଦ କରାଯାଇଛି। ପିଆଜ କି.ଗ୍ରା. ବଜାର ଦର ୬୦ ଟଙ୍କା ଥିବା ବେଳେ କଂଗ୍ରେସ ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ୨୫ ଟଙ୍କାରେ ବିକ୍ରି ହୋଇଛି । ଏ ସମ୍ପର୍କରେ ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, ଖାଦ୍ୟ ସାମଗ୍ରୀରେ ପିଆଜ ଅତ୍ୟାବଶ୍ୟକ। ତେବେ ଏହାର ଦରବୃଦ୍ଧିକୁ ନେଇ କେନ୍ଦ୍ର ଅଥବା ରାଜ୍ୟ ସରକାର ସଚେତନ ନୁହନ୍ତି। ଉତ୍ପାଦ ବୃଦ୍ଧି ପାଇଁ କୌଣସି ଯୋଜନା ନାହିଁ। ସେହିପରି ପିଆଜର ଅସ୍ୱାବିକ ଦରବୃଦ୍ଧିକୁ ପରିଚାଳନା ପାଇଁ ସ୍ୱତନ୍ତ୍ର ନୀତି ଧାର୍ଯ୍ୟ ହୋଇପାରୁନାହିଁ। ଅପରପକ୍ଷରେ ଚାଷୀଙ୍କୁ କଳା ଆଇନ ମଧ୍ୟରେ ଛନ୍ଦି ରଖିବାକୁ ପ୍ରୟାସ ଜାରି ରହିଛି। ହାଣ୍ଡିଶାଳ ଉପରେ ପଡିଥିବା ଏହି ଚଡକକୁ ଜନସାଧାରଣ ଏବେ ତୀକ୍ଷ୍ଣ ନଜରରେ ରଖିଛନ୍ତି। ଗରିବ ଲୋକ ପିଆଜର ଦରବୃଦ୍ଧି ଉପରେ ନଜର ରଖିଛନ୍ତି। ଏହି ସମୟରେ ପିଆଜର ଦରବୃଦ୍ଧି ସାଧାରଣ ଲୋକଙ୍କୁ ବଧୁଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସହରର ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଦୁର୍ଦ୍ଦଶାରେ ଡେରାବିଶ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର

ଡେରାବିଶ, ୭।୧୧(ବେବର୍ତ୍ତା ଅଜୟ ଦାସ)


ବେଞ୍ଚ, ଡେସ୍କ ନ ଥିବାରୁ ଛାତ୍ରୀଛାତ୍ର ତଳେ ବସି ପଢୁଛନ୍ତି।


ନଡ଼ିଆ ବାହୁଙ୍ଗା ତଳେ ମଧ୍ୟାହ୍ନଭୋଜନ ରୋଷେଇ ଚାଲିଛି।


ଭଙ୍ଗା ଶୌଚାଳୟ।

- ମହାବିଦ୍ୟାଳୟର ନବନିର୍ମିତ ଗୃହ ଅଧାପନ୍ତରିଆ
- ଶ୍ରେଣୀ ଗୃହର ରହିଛି ଅଭାବ
- ଶୌଚ ପାଇଁ ନାହିଁ ଶୌଚାଳୟ
- ବେଞ୍ଚ, ଡେସ୍କ ନାହିଁ, ତଳେ ବସି ପଢୁଛନ୍ତି ଛାତ୍ରୀଛାତ୍ର
- ନଡ଼ିଆବାହୁଙ୍ଗା ତଳେ ଚାଲିଛି ମଧ୍ୟାହ୍ନଭୋଜନ ରୋଷେଇ

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଛି। ଏହି ବିଭାଗ ଅଧୀନରେ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଖୋଲା ଯାଇଥିବା ବିଦ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ।

ବ୍ଲକରେ ୨୦୨୨ ଶିକ୍ଷାବର୍ଷରେ ସ୍ଥାନୀୟ ଚାଟରାଚକଡ଼ା ପଞ୍ଚାୟତରେ ବନ୍ଦ ହୋଇ ରହିଥିବା ହାପିମେଳକସ୍ଥିତ ଛତାବଟ ବାଳିକା ଉଚ୍ଚବିଦ୍ୟାଳୟରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ଅସ୍ଥାୟୀ ଭାବେ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ପାଇଁ ବ୍ଲକ ଅଧୀନସ୍ଥ କୁରୁଜଙ୍ଗାଠାରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୭ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଅବଧି ଶେଷ ପରେ ମଧ୍ୟ ନବନିର୍ମିତ ଗୃହ କାର୍ଯ୍ୟ ଶେଷ ହୋଇନାହିଁ। ଫଳରେ ଅସ୍ଥାୟୀ ଭାବେ ଚାଲୁଥିବା ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି କରିଛି। ସେହିପରି ଗୋଟିଏ କୋଠରିରେ ବିଦ୍ୟାଳୟ କାର୍ଯ୍ୟାଳୟ ସହ କମନ ରୁମ୍ ଚାଲୁଛି। ଶ୍ରେଣୀଗୃହର ଅଭାବ ସହ ପିଲାମାନେ ପାଠ ପଢ଼ିବାକୁ ବେଞ୍ଚ, ଡେସ୍କ ନାହିଁ। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାବିତ୍‌ମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ପିଲାଙ୍କ ବେଞ୍ଚ, ଡେସ୍କ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯାଇଛି। ହେଲେ ଛାତ୍ରୀଛାତ୍ରମାନେ ତଳେ ବସି ପାଠ ପଢ଼ିବା ଆଦର୍ଶ ବିଦ୍ୟାଳୟ ଯୋଜନାକୁ ଦିଗହରା କରିଛି। ଏ ସମ୍ପର୍କରେ ସେପ୍ଟେମ୍ବରରେ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ପିଲାଙ୍କ ପାଇଁ ବେଞ୍ଚ, ଡେସ୍କ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଇତିମଧ୍ୟରେ ୨ ମାସ ଅତିକ୍ରମ କରି ସାରିଥିଲେ ସୁଦ୍ଧା ଜିଲା ଶିକ୍ଷାଧିକାରୀ ଏ ଦିଗରେ ପଦକ୍ଷେପ ନ ନେବା ସାଧାରଣରେ ସମସ୍ତଙ୍କୁ ଚିକିତ କରିଛି ବୋଲି ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି। ଏ ବିଷୟରେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରୁ ବିଦ୍ୟାଳୟ ଖୋଲାଯିବା ଇତିମଧ୍ୟରେ ବର୍ଷେ ଅତିକ୍ରମ କଲାଣି। ଶ୍ରେଣୀ ଗୃହରେ ଛାତ୍ରୀଛାତ୍ର ବସି ପାଠ ପଢ଼ିବା ପାଇଁ ଜିଲାପାଳ, ପିଡି ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନ ନେବା ଅତି ଦୁଃଖଦାୟକ ଘଟଣା ବୋଲି ସେ କହିଛନ୍ତି। ଏଥିସହ ଅସ୍ଥାୟୀ ଭାବେ ଚାଲିଥିବା ବିଦ୍ୟାଳୟ ପରିସରରେ ଶୌଚାଳୟଟିଏ ନାହିଁ। ମଧ୍ୟାହ୍ନଭୋଜନ ପାଇଁ ବାରଣ୍ଡାରେ ନଡ଼ିଆ ବାଉଙ୍ଗାର ଅସ୍ଥାୟୀ ଛାମୁଡ଼ିଆ କରାଯାଇ ତଳେ ରୋଷେଇ ଚାଲିଛି। ଏହି ଆଦର୍ଶ ବିଦ୍ୟାଳୟର ନବନିର୍ମିତ ଗୃହର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଅଭିଭାବକଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ଏଭଳି ଛାତ୍ରୀଛାତ୍ରଙ୍କ ଶିକ୍ଷା ବ୍ୟବସ୍ଥା ପ୍ରତି କୁଠାରାଘାତ ମନୋଭାବ କାହିଁକି ବୋଲି ସାମାଜିକ କର୍ମୀ ହଳଧର ଦାଶ କହିଛନ୍ତି।

କୁରୁଜଙ୍ଗାଠାରେ ନିର୍ମାଣ ହେଉଥିବା ନବନିର୍ମିତ ଗୃହର କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ନେଇଥିବା ଠିକାସଂସ୍ଥା ୨୦୨୧ ସେପ୍ଟେମ୍ବର ୨୧ରୁ କାର୍ଯ୍ୟ ଆରମ୍ଭ କରି ୨୦୨୨ ଅଗଷ୍ଟ ୧୯ ସୁଦ୍ଧା ଶେଷ କରିବାକୁ ଚୁକ୍ତି କରିଥିଲେ। ମାତ୍ର ଇତିମଧ୍ୟରେ ଅବଧି ଶେଷ ହେବାର ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଗୃହ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ସ୍ୱାଇଁଙ୍କୁ ପଚାରିବାରେ ନବନିର୍ମିତ ଗୃହରେ ବିଦ୍ୟାଳୟ ପାଇଁ ୬ଟି କୋଠରି ସହ ଶୌଚାଳୟ ତୁରନ୍ତ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଦେଇଛି। ଏ ନେଇ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପତିଙ୍କୁ ପଚାରିବାରେ ବର୍ତ୍ତମାନ ୬ଟି କୋଠରିର କାର୍ଯ୍ୟ ଶେଷ ହୋଇଥିବା ବେଳେ ଶୌଚାଳୟ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ବିଦ୍ୟୁତ୍, ପାନୀୟ ଜଳ ଓ କୋଠରି ମଧ୍ୟରେ ଟାଇଲ୍ କାର୍ଯ୍ୟ ଚାଲିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ବିଦ୍ୟାଳୟ ପାଇଁ ୬ଟି କୋଠରି ହସ୍ତାନ୍ତର ପାଇଁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି। ତେବେ ଅବଧିର ବର୍ଷେ ପରେ ମଧ୍ୟ ଗୃହ କାର୍ଯ୍ୟ ଶେଷ ହେଉ ନ ଥିବା ନେଇ ପଚାରିବାରୁ ଠିକାଦାର ଜଣକ କାର୍ଯ୍ୟରେ ବିଳମ୍ବ କରୁଥିବାରୁ ତାଙ୍କୁ ତୁରନ୍ତ କାର୍ଯ୍ୟ ସାରିବା ନେଇ ବାରମ୍ବାର ଚିଠି କରାଯାଉଛି। ତେବେ ଡିସେମ୍ବର ସୁଦ୍ଧା ଏହି ଗୃହ କାର୍ଯ୍ୟ ଶେଷ ହେବା ନେଇ ସେ ଆଶା ରଖିଥିବା କହିଛନ୍ତି।

# ଏସ୍‌ଏଫ୍‌ଆଇ ରାଜକନିକା ଆଞ୍ଚଳିକ ସମ୍ମିଳନୀ

ରାଜକନିକା, ୭।୧୧(ସଞ୍ଜୟ କୁମାର ଦାଶ)

ଭାରତର ଛାତ୍ର ଫେଡେରେଶନ (ଏସ୍‌ଏଫ୍‌ଆଇ) ପକ୍ଷରୁ କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ କାଳିକାପୁରଠାରେ ଆଞ୍ଚଳିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଏସ୍‌ଏଫ୍‌ଆଇ ରାଜ୍ୟ ସମ୍ପାଦକ ଷ୍ଟାଲିନ ଟିଟନ ଲେଙ୍କା, ରାଜ୍ୟ ସାଙ୍ଗଠନିକ କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା କାଳିପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆମ ଦେଶର ଶିକ୍ଷା ନୀତି, ଛାତ୍ରୀଛାତ୍ରମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ଏସ୍‌ଏଫ୍‌ଆଇ ଛାତ୍ର ସଙ୍ଗଠନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ରାଜକନିକା ଅଞ୍ଚଳରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଆହ୍ୱାନ ଦେଇଥିଲେ। ରାଜକନିକା ବ୍ଲକରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ପଦବୀ ପୂରଣ, ରାଜ୍ୟ ସରକାର ଶିକ୍ଷା ପାଇଁ ଶତକଡ଼ା ୩୦ ପ୍ରତିଶତ ବ୍ୟୟବରାଦ କରିବା, କେନ୍ଦ୍ର ସରକାର ଶିକ୍ଷା ପାଇଁ ଶତକଡ଼ା ୧୦ପ୍ରତିଶତ ବ୍ୟୟବରାଦ କରିବା, ମୋଟ ଘରୋଇ ଉତ୍ପାଦର ଶତକଡ଼ା ୬ ପ୍ରତିଶତ ଶିକ୍ଷା ପାଇଁ ବ୍ୟୟବରାଦ କରିବା, ସରକରୀ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା, ଛାତ୍ର ବିରୋଧୀ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା, ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଭଳି ପ୍ରସଙ୍ଗଗୁଡିକୁ ନେଇ ସମ୍ମିଳନୀରେ ଦାବି କରାଯାଇଛି। ଶେଷରେ ଏକ ୧୦ ଜଣିଆ ଏସ୍‌ଏଫ୍‌ଆଇ ରାଜକନିକା ଆଞ୍ଚଳିକ କମିଟି ସଦସ୍ୟ ନିର୍ବାଚିତ ହୋଇଥିଲା। ଏହି ଆଞ୍ଚଳିକ କମିଟିର ସଭାପତି ଭାବେ ଛାତ୍ର ନେତା ରଶ୍ମିକାନ୍ତ ବେହେରା ଓ ସମ୍ପାଦକ ଭାବେ ସୁକାନ୍ତ ମଲ୍ଲିକ ନିର୍ବାଚିତ ହୋଇଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ସମ୍ମିଳନୀରେ ଛାତ୍ରୀଛାତ୍ରମାନେ।

# ଗରଦପୁର ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ



ପଞ୍ଚାୟତ ସମିତି ବୈଠକରେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଓ ଅନ୍ୟମାନେ।

ପାଟକୁରା, ୭।୧୧(ରବୀନ୍ଦ୍ର ନାଥ ବାରିକ )

ଗରଦପୁର ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ ସନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜଙ୍କ ସଭାପତିତ୍ୱରେ ଏହି ବୈଠକରେ ପାଟକୁରା ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବିଡିଓ ପ୍ରଦ୍ୟୁମ୍ନ ନାୟକ, ତହସିଲଦାର ତୃପ୍ତି ମହାନ୍ତି, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ଡଲି ଶତପଥୀ, ଏଲିଜା ସ୍ୱାଇଁ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଓଡ଼ିଶାର ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ୩ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି। ପରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇ ଦୃଢ଼ି କରଣ କରାଯାଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ତେବେ ସମସ୍ତ ବିକାଶମୂଳକ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ମିଳିଲେ ବିକାଶଧାରା ଅଧିକ ତ୍ୱରାନ୍ୱିତ ହେବ ବୋଲି ବିଧାୟିକାଙ୍କ ପ୍ରତିନିଧି ଅଗ୍ରୱାଲ ମତବ୍ୟକ୍ତ କରିଥିଲେ। ଖବରଦାତା ମାନଙ୍କୁ ବୈଠକ ରେ ବସିବାକୁ ଅନୁମତି ମିଳି ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ମେଡିସିନ କର୍ମଚାରୀଙ୍କଠାରୁ ୨.୧୭ ଲକ୍ଷ ଝାମ୍ପି ନେଲେ ଦୁର୍ବୃତ୍ତ

ଆଳି,୭।୧୧(ବନମାଳୀ ସେନାପତି)

କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ସିଙ୍ଗିରି ବଜାରଠାରେ ଥିବା ଏକ ମେଡ଼ିସିନ ଷ୍ଟୋର ନିକଟରୁ ଏକ ମେଡ଼ିସିନ ଡିଷ୍ଟ୍ରିବ୍ୟୁଟରର କର୍ମଚାରୀଙ୍କ ନିକଟରୁ ଦୁର୍ବୃତ୍ତମାନେ ଆଖି ପିଛୁଳାକେ ୨ ଲକ୍ଷ ୧୭ ହଜାର ଟଙ୍କା ମଙ୍ଗଳବାର ଅପରାହ୍ନ ୩ଟାରେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲିର ଲିଙ୍ଗରାଜ ଫାର୍ମାର କର୍ମଚାରୀ ହିମାଂଶୁ ରାଉତରାୟ ସିଙ୍ଗିରି ବଜାରଠାରେ ଥିବା ଏକ ମେଡ଼ିସିନ ଷ୍ଟୋରକୁ ଯାଇ ମେଡ଼ିସିନ ଦେବା ସହ ବିଲ ଦେଉଥିବା ବେଳେ ଦୁର୍ବୃତ୍ତ ଜଣଙ୍କ ତାଙ୍କ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ପଳାଇ ଯାଇଥିଲେ। ୨ ଦୁର୍ବୃତ୍ତ ଟଙ୍କା ବ୍ୟାଗ ନେଇ ବାଇକ୍‌ରେ ପଟ୍ଟାମୁଣ୍ଡାଇ ଆଡ଼କୁ ପଳାଇ ଯାଇଥିଲେ। ଲୋକ ଓ କର୍ମଚାରୀ ଜଣଙ୍କ ଦୁର୍ବୃତ୍ତଙ୍କୁ ଗୋଡ଼ାଇ ଥିଲେ ମଧ୍ୟ ପାଇ ନ ଥିଲେ। ପରେ ଥାନାରେ କର୍ମଚାରୀ ହିମାଂଶୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନଂ. ୮୪୦/୨୩ରେ ମାମଲା ରୁଜୁ ହୋଇଛି।

# ପ୍ରତ୍ୟୁଷା ବିବାହିତା ପ୍ରମାଣ ପାଇଁ ସୋମାଲିକା ନେଲେ ୨ ସପ୍ତାହ

କଟକ,୭।୧୧ (କାର୍ତ୍ତିକ ସାହୁ)

**ତିର୍ତ୍ତୋଲ ବିଧାୟକଙ୍କ ବିବାହ ପଞ୍ଜୀକରଣ ଆବେଦନ ମାମଲା**
- ଆସିଲେନି ବିଜୟଶଙ୍କର, ପ୍ରତ୍ୟୁଷା
- ୨୧ରେ ପରବର୍ତ୍ତୀ ଶୁଣାଣି

କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ତଥା ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ମଙ୍ଗଳବାର ହାଜର ହୋଇଛନ୍ତି। ବିଜୟଶଙ୍କରଙ୍କ ବାନ୍ଧବୀ ପ୍ରତ୍ୟୁଷା ନନ୍ଦ ପୂର୍ବରୁ ବିବାହିତା ବୋଲି ସୋମାଲିକା ଯୁକ୍ତି ଦର୍ଶାଇଥିଲେ। ପ୍ରତ୍ୟୁଷାଙ୍କ ବିବାହ ସମ୍ପର୍କିତ ପ୍ରମାଣ ଦାଖଲ କରିବାକୁ ପଞ୍ଜୀକରଣ ଅଧିକାରୀ କହିଥିଲେ। ଏଥିନିମନ୍ତେ ୨ ସପ୍ତାହ ସମୟ ଦେବାକୁ ସୋମାଲିକା ଅନୁରୋଧ କରିଛନ୍ତି। ନିଜ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ପାଇଁ ସୋମାଲିକା ଆବେଦନ କରିଛନ୍ତି। ସେହି ସାକ୍ଷୀମାନଙ୍କୁ ହାଜର ହେବାକୁ ନୋଟିସ୍ କରାଯିବ ବୋଲି ଜଣାପଡିଛି। ସୋମାଲିକା, ପ୍ରତ୍ୟୁଷା ଓ ବିଜୟଶଙ୍କରଙ୍କୁ ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ବିଜୟଶଙ୍କର ଓ ତାଙ୍କ ବାନ୍ଧବୀ ହାଜର ହୋଇ ନ ଥିଲେ। ଆସନ୍ତା ୨୧ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁଯାୟୀ, ବିଧାୟକ ବିଜୟଶଙ୍କର ଅରୁଣୋଦୟ ମାର୍କେଟ ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ ପାଇଁ କଟକ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ସୋମାଲିକା ଏ ବାବଦରେ ଜାଣିବା ପରେ ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ। ବିବାହ ତାରିଖ ପାଖେଇ ଆସୁଥିବାବେଳେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସୋମାଲିକା ଅନୁଭବ କରିଥିଲେ। ଫଳରେ ସେ ତ୍ୱରିତ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଆବେଦନର ଶୁଣାଣି କରି ଏହି ମାମଲା ନିମ୍ନ ଅଦାଲତରେ ବିଚାରାଧୀନ ଥିବା ଦର୍ଶାଇ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ଅପରପକ୍ଷରେ କଟକ ବିବାହ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହେବା ପାଇଁ ସୋମାଲିକା, ବିଜୟଶଙ୍କର ଓ ପ୍ରତ୍ୟୁଷାଙ୍କୁ ନୋଟିସ କରାଯାଇଥିଲା। ତଦନୁସାରେ ସୋମାଲିକା ମଙ୍ଗଳବାର ହାଜର ହୋଇ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ନିଜର ପକ୍ଷ ରଖିଥିଲେ।

# ଅଭିରାମ ଆଞ୍ଚଳିକ ଭକ୍ତଗୋଷ୍ଠୀ ସଭାପତିଙ୍କ ସ୍ମୃତିଚାରଣ ସଭା

ରାଜନଗର,୭।୧୧ (ଭାସ୍କରରାଉତରାୟ)

ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ଅନ୍ୟତମ ସେବକ ତଥା ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଅନନ୍ତ ଚରଣ ମହାନ୍ତିଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜନଗର ଆଞ୍ଚଳିକ ସେବାଶ୍ରମ ପରିସରରେ ସ୍ମୃତିଚାରଣ କମିଟିର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ ଠାକୁର ଶ୍ରୀନିଗମାନନ୍ଦ ସରସ୍ୱତୀ ରାଜନଗର ଶାଖା ସଭାପତି ବିଜୟ କୁମାର ଜେନା ଯୋଗଦେଇଥିଲେ। ଏଥିରେ ଦିବାକର ପରିଡା, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଅଭିରାମ ସାହୁ, ଗଗନ ବିହାରୀ ସ୍ୱାଇଁ, ପଣ୍ଡିତ ପ୍ରଫୁଲ୍ଲ କଣ୍ଡ, ଅନ୍ତର୍ଯ୍ୟାମୀ ପରିଡା, ରଜନୀକାନ୍ତ ଚଣ୍ଡ, ନିରଞ୍ଜନ ମହାରଣା, ଦୁଃଶାସନ ନାୟକ, ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ଭକ୍ତମଣ୍ଡଳୀ ଯୋଗଦେଇ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେବକ ଅଭୟ ବାବା ପରିଚାଳନା କରିଥିଲେ। ଶେଷରେ ଆଞ୍ଚଳିକ ଭକ୍ତଗୋଷ୍ଠୀର ନୂତନ ସଭାପତି ଭାବେ ଦିବାକର ପରିଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

# ସିପିଆଇ ପକ୍ଷରୁ ପାଲେଷ୍ଟାଇନ ସଂହତି ଦିବସ

କେନ୍ଦ୍ରାପଡ଼ା, ୭।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାରେ ସିପିଆଇ ପକ୍ଷରୁ ମଙ୍ଗଳବାର ଜିଲା ବିକାଶ ସାମ୍ମୁଖ୍ୟ କର୍ଯ୍ୟାଳୟ ପରିସରରେ ପାଲେଷ୍ଟାଇନ ସଂହତି ଦିବସ ଅବସରରେ ଆଲୋଚକମାନେ ଇସ୍ରାଇଲର ଗଣହତ୍ୟାର ତୀବ୍ର ନିନ୍ଦା କରିଥିଲେ। ପାଲେଷ୍ଟାଇନରେ ଇସ୍ରାଇଲର ନରସଂହାର ବନ୍ଦ କରିବା, ମାନବିକ ସହାୟତା ଯୋଗାଇ ଦେବା ଏବଂ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେବା ଦାବି କରାଯାଇଛି।

ମହାନ ଅକ୍ଟୋବର ସମାଜବାଦୀ ବିପ୍ଳବ ଦିବସ ପାଳିତ ଅବସରରେ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲା ସମ୍ପାଦକ ସାଥୀ ରମଣୀ ରଞ୍ଜନ ରାଉତରାୟ, ଶ୍ରମିକ ସଂଘ ଜିଲା ସଭାପତି ବାବାଜୀ ଧଳ, ଅଧ୍ୟାପକ ଅଜୟ ସାମଲ, ଅଧିକାରୀ ରାଧାକାନ୍ତ ଦାଶ, ସିପିଆଇଏମ୍ ଜିଲା ନେତା ନରୋତମ ପାର୍ଥସାରଥି, ବିକାଶ ଚନ୍ଦ୍ର ବେଉରା, ବୈଷ୍ଣବ ଚରଣ ସ୍ୱାଇଁ, ସଞ୍ଜୟ ବସନ୍ତିଆ, ଭଜହରି ପ୍ରଧାନ, ନନ୍ଦିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପାଲେଷ୍ଟାଇନବାସୀଙ୍କୁ ତାଙ୍କ ନିଜ ଦେଶରେ ରହିବା ଅଧିକାରୀରୁ ବଞ୍ଚିତ କରିବା ପାଇଁ ଇସ୍ରାଇଲ, ଆମେରିକା, ଇଂଲଣ୍ଡ ଭଳି ଦେଶ ଗୁଡ଼ିକ ଚଳାଇଥିବା ଚକ୍ରାନ୍ତ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ଉଲ୍ଲେଖ କହିଥିଲେ। ଜାତିସଂଘର ୨ ଦେଶ ପ୍ରସ୍ତାବ ଅନୁଯାୟୀ, ଇସ୍ରାଇଲ ଓ ପାଲେଷ୍ଟାଇନ ୨ଟି ପୃଥକ୍ ସ୍ୱାଧୀନ ଦେଶ। ସେହିଭଳି ଇସ୍ରାଇଲ ବେଆଇନ ଭାବେ ଦଖଲରେ ରଖିଥିବା ପାଲେଷ୍ଟାଇନ ଅଞ୍ଚଳରୁ ହଟିଯିବ। ଇସ୍ରାଇଲ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ପାଲେଷ୍ଟାଇନର ଗୋଟାଏ ପରେ ଗୋଟିଏ ଅଞ୍ଚଳକୁ ବଳପୂର୍ବକ ଦଖଲ କରି ଚାଲିଛି। ଫଳରେ ସମଗ୍ର ମିଡିଲ ଇଷ୍ଟରେ ଅଶାନ୍ତି ଲାଗି ରହିଛି। ବାରମ୍ବାର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଉଛି। ଭାରତ ସରକାର ସଦାସର୍ବଦା ଯୁଦ୍ଧ ବିରୋଧରେ ଏବଂ ଜାତୀୟ ମୁକ୍ତି ସଂଗ୍ରାମ ସପକ୍ଷରେ ଦୃଢ଼ ଭାବେ ଠିଆ ହୋଇ ଆସିଛି। ବର୍ତ୍ତମାନ ମୋଦି ସରକାର ଏହି ଘୋଷିତ ନୀତିର ବ୍ୟତିକ୍ରମ କରିଛି। ଆମେରିକା ନିର୍ଦ୍ଦେଶରେ ଇସ୍ରାଇଲକୁ ସୁହାଇଲା ଭଳି ଅବସ୍ଥାନ ଗ୍ରହଣ କରିଛି। ଯୁଦ୍ଧ ବନ୍ଦ କରିବା ପାଇଁ ଜାତିସଂଘରେ ଆଗତ ପ୍ରସ୍ତାବର ଭୋଟ ଗ୍ରହଣରୁ ବିରତି ରହିଛି। ଏହାକୁ ଶାନ୍ତିକାମି ଭାରତବାସୀ ଦୃଢ଼ ନିନ୍ଦା କରିଛନ୍ତି। ପାଲେଷ୍ଟାଇନରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ନେବାକୁ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଶେଷରେ କ୍ରାନ୍ତିପ୍ରଭା ନାୟକ ଧନ୍ୟବାଦ ଦେଇଥିଲେ।

# ସେମିରେ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ

ରାଜକନିକା, ୭।୧୧(ସଞ୍ଜୟ କୁମାର ଦାଶ)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ରାଜକନିକା ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ଟୁର୍ନାମେଣ୍ଟ**

ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୪୨ତମ ରାଜକନିକା ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ମଙ୍ଗଳବାର ୩ୟ ଦିନର ଖେଳ ହୋଇଯାଇଛି। ଟୁର୍ନାମେଣ୍ଟ ବିଶିଷ୍ଟ କ୍ରୀଡାବିତ୍ ତଥା ଶିକ୍ଷାବିତ ଦୟାନିଧି ନାୟକ ଏବଂ ବରିଷ୍ଠ ଗ୍ରନ୍ଥାଗାର ସ୍ୱର୍ଗତ ଶ୍ରୀନିବାସ ନାୟକଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା। ମଙ୍ଗଳବାର ଆୟୋଜକ ରାଜକନିକା ଆଥଲେଟିକ୍ ଆସୋସିଏଶନ ବନାମ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳଟି ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ନିର୍ଦ୍ଧାରୀତ ସମୟ ଶେଷ ସୁଦ୍ଧା କେହି କାହାରିଙ୍କୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ଖେଳଟି ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଟାଏବ୍ରେକର ସହଯୋଗ ନିଆଯାଇଥିଲା। ଆୟୋଜକ ରାଜକନିକା ଆଥଲେଟିକ୍ ଆସୋସିଏଶନ ୫-୪ ଗୋଲ ବ୍ୟବଧାନରେ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱରକୁ ହରାଇ ଟୁର୍ନାମେଣ୍ଟର ଦ୍ୱିତୀୟ ଟିମ୍ ଭାବେ ସେମି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆୟୋଜକ ରାଜକନିକା ଆଥଲେଟିକ୍ ଆସୋସିଏଶନର ଆଶିଷ କୁମାର ରାଉତଙ୍କୁ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ନାମ ଘୋଷଣା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଯୁଧିଷ୍ଠିର ମଥାନ ସ୍ମାରକୀ ଅର୍ଥରାଶି ସହ ଟ୍ରଫି ରାଉତଙ୍କୁ ପ୍ରଦାନ କରିଥିଲେ। ୩ୟ ଦିନ ଖେଳରେ ମୁଖ୍ୟଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡା, ଏସ୍‌ଏନ୍ କଲେଜ ଅଧକ୍ଷା ସୁରେଖା ରାଉତ, ଆଳି ବାର ଆସୋସିଏଶନ ସଭାପତି ଚିରଞ୍ଜୀବ ଦାସ, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ପଲାଇ, ଆସୋସିଏଶନର ବରିଷ୍ଠ ଉପଦେଷ୍ଟା ଇଂ. ପ୍ରମୋଦ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନର ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠ ନାଥ ପରିଡା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ପ୍ରାଣବନ୍ଧୁ ରାଉତ, ମିଡିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ, ଫୁଟବଲ ସମ୍ପାଦକ ଶିବପ୍ରସାଦ ମଲ୍ଲିକ, କୋଷାଧକ୍ଷ ଦେବେନ୍ଦ୍ର ନାୟକ, ଭାଷ୍ୟକର ସୌମ୍ୟକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ରେଫରି ଭାବେ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ, ସୁଦୀପ୍ତ ଦାସ ଓ ଶଶିକାନ୍ତ ଦସିଆ ଲାଇନ୍ସରେ ସହଯୋଗ କରିଥିଲେ। ୪ର୍ଥ ଅଫିସିଆଲ୍ସ ଭାବେ ଗୋଲକ ବିହାରୀ ମଲ୍ଲିକ ଓ ଅରୁଣ କୁମାର ବାରିକ ଥିଲେ। ବୁଧବାର ପୋଲ-ବିରୁ ବାଲି ନବୀନ ସଂଘ, ହାଓଡା, କୋଲକାତା ବନାମ ୟଙ୍ଗ ଉତ୍କଳ କ୍ଲବ, କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩୫ ଛେଳି ମୃତ

ପୋଲସରା/ହାତୀଓଟ, ୭।୧୧
(ସୁବ୍ରତ ବେହେରା/ରଞ୍ଜୟ ପାଣିଗ୍ରାହୀ)

ପୋଲସରା ଥାନା ଅନ୍ତର୍ଗତ ମଥୁରାଗୁଡ଼ି ମାଳ ସାହିରେ ଅଗ୍ନିକାଣ୍ଡ ଘଟି ୩୫ ଛେଳି ମୃତ୍ୟୁବରଣ କରିଛନ୍ତି। ସୋମବାର ରାତିରେ କେହି ଦୁର୍ବୃତ୍ତ ଗୁହାଳରେ ନିଆଁ ଲଗାଇ ଦେବାରୁ ୨୫ ଛେଳି ଓ ୧୦ ଛେଳି ଛୁଆର ମୃତ୍ୟୁ ଘଟିଥିବା ମାଲିକ ପଦ୍ମାବତୀ ପାତ୍ର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗ୍ରାମର ଗାଁରେ କିଛି କଥାକୁ ନେଇ ପାଟିତୁଣ୍ଡ ହୋଇଥଲା। ଏହି ରାଗ ରଖି କେହି ଗୁହାଳକୁ ନିଆଁ ଲଗାଇ ଦେଇଥିବା ନେଇ ଛେଳି ମାଲିକ ସନ୍ଦେହ କରୁଥିବା ଜଣାପଡିଛି। ପୋଲିସ ନଂ. ୬୮୮/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପଦ୍ମାବତୀଙ୍କ ପରିବାର ଛେଳି ଚରାଇ ନିଜ ପରିବାରର ପ୍ରତିପୋଷଣ କରୁଥିବାରୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଫୋନ ପେ'ରେ ନେଇଗଲେ ୧୨ ଶହ

ଦାରିଙ୍ଗବାଡ଼ି, ୭।୧୧(ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ସିମନବାଡିରେ ମହେଶ୍ୱର ଦଳବେହେରା ଏଟିଏମ୍‌କୁ ନିଜ କାର୍ଡ କାର୍ଯ୍ୟକ୍ଷମ କରିବାକୁ ଯାଇଥିବା ବେଳେ ଠକାମିର ଶିକାର ହୋଇଛନ୍ତି। ଏଟିଏମ୍‌ରେ ଥିବା ଜଣେ ଯୁବକ ସାହାଯ୍ୟ କରିବା ନାଁରେ ମହେଶ୍ୱରଙ୍କ ଫୋନ୍ ପେ' ମାଧ୍ୟମରେ ୧୨ ଶହ ଟଙ୍କା ନେଇଯାଇଛନ୍ତି।

ସିମନବାଡି ପଞ୍ଚାୟତ ଦଡିବାଡି ସାହିରେ ମହେଶ୍ୱର ରହୁଥିଲେ। ତାଙ୍କର ଏକ ନୂତନ ଏଟିଏମ୍ କାର୍ଡ ଆସିଥିଲା। ତାକୁ ସେ କାର୍ଯ୍ୟକ୍ଷମ କରିବାକୁ ସିମନବାଡି ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଯାଇଥିଲେ। ଉକ୍ତ କାର୍ଡଟି ଏଟିଏମ୍‌ରେ ହିଁ କାର୍ଯ୍ୟକ୍ଷମ କରାଯିବ ବୋଲି କୁହାଯାଇଥିଲା। ତେଣୁ ମହେଶ୍ୱର ସିମନବାଡି ବଜାରରେ ରହିଥିବା ଏଟିଏମ୍‌କୁ ଆସିଥିଲେ। କିନ୍ତୁ ଏଟିଏମ୍ କାର୍ଡକୁ ସେ କାର୍ଯ୍ୟକ୍ଷମ କରିବା ଜାଣି ନ ଥିଲେ। ସେଠାରେ ପୂର୍ବରୁ ରହିଥିବା ଜଣେ ଯୁବକଙ୍କୁ ମହେଶ୍ୱର ସହଯୋଗ ମାଗିଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକ ଜଣକ ମହେଶ୍ୱରଙ୍କୁ ମୋବାଇଲ ମାଗିଥିଲେ ଏବଂ ମହେଶ୍ୱର ମୋବାଇଲ ଦେଇଥିଲେ। ଯୁବକ ଜଣକ ମହେଶ୍ୱରଙ୍କ ଫୋନ ପେ ଆକାଉଣ୍ଟରୁ ୧୨ଶହ ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ମହେଶ୍ୱର ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିବି ବୋଲି କହିଛନ୍ତି।

### ହୃଦ୍‌ଘାତରେ ଯୁବ ସରପଞ୍ଚଙ୍କ ବିୟୋଗ

କ.ନୂଆଗାଁ ,୭।୧୧(କାଳି ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକର ଗୁଞ୍ଜିବାଡି ପଞ୍ଚାୟତର ଯୁବ ସରପଞ୍ଚ ନରୋତ୍ତମ ପ୍ରଧାନଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ନରୋତ୍ତମ ରବିବାର ଦିନ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୋମବାର ମଧ୍ୟରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତଦେହକୁ ନିଜ ଗାଁ ସଲପଯୋଡ଼ିରେ ରୀତିନୀତି ଅନୁସାରେ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସରପଞ୍ଚଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଚନ୍ଦମା, ବଡ଼ ପୁଅ ସ୍ୱାଗତ, ସାନ ପୁଅ ରକ୍ଷିତ ଉପସ୍ଥିତ ଥିଲେ। ଜିଲା ବିଜେଡି ସମ୍ପାଦକ ବାସୁଦେବ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର ଶୋକ ପ୍ରକାଶ କରିଛନ୍ତି।

### ଅଧ୍ୟାପକଙ୍କ ବିୟୋଗରେ ଶୋକ

ଆସିକା,୭।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁବ ଇଂରାଜୀ ଅଧ୍ୟାପକ ନିରୋଜ କୁମାର ଖରଙ୍କ ରବିବାର ସକାଳେ ଭୁବନେଶ୍ୱରସ୍ଥିତ ଏମସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୋମବାର ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଶୋକସଭାରେ ଦିବଂଗତ ଅଧ୍ୟାପକଙ୍କ ଲାଗି ଗଭୀର ଶୋକ ପ୍ରକାଶ କରାଯାଇଥିଲା । ଏହି ମହାବିଦ୍ୟାଳୟରେ ମାତ୍ର ୧୪ମାସର ଅବଧି ମଧ୍ୟରେ ଜଣେ ଦକ୍ଷ ଅଧ୍ୟାପକ ଭାବେ ଓ ତାଙ୍କର ଦକ୍ଷତା ପ୍ରତିପାଦିତ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଖରଙ୍କ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରାଯିବା ସହ ଶୋକସନ୍ତପ୍ତ ପରିବାରକୁ ସାହସ ଓ ଧୈର୍ଯ୍ୟ ପ୍ରଦାନ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

# ଓସ୍ତପଡାରେ କଂଗ୍ରେସର ତଥ୍ୟ ଅନୁଧ୍ୟାନକାରୀ ଦଳ

**ଭାଗଚାଷୀଙ୍କ ଆତ୍ମହତ୍ୟା ଘଟଣା**

- ବୁଲିଲେ ଧାନ କ୍ଷେତ୍ର, ଭେଟିଲେ ମୃତକ ପରିବାରକୁ

ନୟାଗଡ଼/ରଣପୁର,୭।୧୧
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ):ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନା ଜଙ୍ଗିଆ ପଞ୍ଚାୟତ ଓସ୍ତପଡ଼ା ଗାଁର ଗୋବିନ୍ଦ ସାହୁ(୬୫) ନାମକ ଭାଗଚାଷୀ ଆତ୍ମହତ୍ୟା ଘଟଣା ପ୍ରଶାସନର ନିଦ ହଜାଇ ଦେଇଛି । ଘଟଣାର ସତ୍ୟତା ଅନୁଧ୍ୟାନ କରିବାକୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସର ୮ ଜଣିଆ ତଥ୍ୟ ଅନୁଧ୍ୟାନକାରୀ ଦଳ ଓସ୍ତପଡ଼ାରେ ମଙ୍ଗଳବାର ପହଞ୍ଚିଥିଲେ । ଗୋବିନ୍ଦ ସାହୁଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଆତ୍ମହତ୍ୟାର କାରଣ ଭାଗଚାଷୀଙ୍କ ବଡ଼ ପୁଅ ବିକ୍ରମ ଓ ମା'ଗେଲି ସାହୁ, ଗାଁ ଲୋକଙ୍କ ଠାରୁ ପଚାରି ବୁଝିଥିଲେ । ଯେଉଁ ବିଲରେ ଗୋବିନ୍ଦ ଆତ୍ମହତ୍ୟା କରିଥିଲେ ଓ ଭାଗ ଚାଷ କରିଥିବା ଧାନ ଜମିକୁ ବୁଲି ଦେଖିଥିଲେ । ଭାଗଚାଷୀଙ୍କ ମୃତ୍ୟୁର ୩ ଦିନ ପରେ ମୃତକ ପରିବାରକୁ ତହସିଲଦାର ଭେଟିବାକୁ ନ ଯିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ରଣପୁର ତହସିଲଦାରଙ୍କୁ ଭେଟି ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଥିଲେ । ଅନ୍ୟପକ୍ଷେ ଧାନ ଫସଲ ହାନୀ ଯୋଗୁ ଗୋବିନ୍ଦ ପ୍ରାଣ ହରାଇଥିବା ମୃତକଙ୍କ


ମୃତ ଚାଷୀଙ୍କ ସ୍ତ୍ରୀଙ୍କ ସହ କଂଗ୍ରେସ ନେତୃବୃନ୍ଦ ।

ସ୍ତ୍ରୀ ଗେଲି ସାହୁ ପୁଣି ଦୋହରାଇଛନ୍ତି । ମୋ ସ୍ୱାମୀ ପାରିବାରିକ କଳହରୁ ପ୍ରାଣ ହରାଇଥିବା ଦର୍ଶାଇ ଏହି ଘଟଣାକୁ ଚାପି ଦେବା ଠିକ୍ ନୁହେଁ । ସତ୍ୟ କଣ ତଦନ୍ତ କରନ୍ତୁ ଜାଣିପାରିବେ ବୋଲି ଜିଲାପାଳ ଓ କୃଷି ଅଧିକାରୀଙ୍କୁ ନିଜର କ୍ଷୋଭ ମାଧ୍ୟମରେ ଅବଗତ କରାଇଛନ୍ତି ।

ତଥ୍ୟ ଅନୁଧ୍ୟାନକାରୀ ଦଳ ଅଧ୍ୟକ୍ଷ ତଥା ନୟାଗଡ଼ ଜିଲା ପ୍ରଭାରୀ ବିଭୂତି ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟ କିଷାନ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ରାଷ୍ଟ୍ରୀୟ ଯୁବ ମଜଦୁର କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ, ପିସିସି ସଭ୍ୟ ହୁସେନ ଖାନ, ଜିଲା ମହିଳା ସଭାନେତ୍ରୀ ସସ୍ମିତା ଦାଶ, କଂଗ୍ରେସ ନେତା ମନୋଜ ସାହୁ, ରଣପୁର ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ପାଇକରାୟ, ନଗର ସଭାପତି ସତ୍ୟ ରଞ୍ଜନ ମଓ୍ଵା ପ୍ରମୁଖ ଘଟଣାସ୍ଥଳକୁ ଯାଇଥିଲେ । ଏନେଇ ତଥ୍ୟ ଅନୁଧ୍ୟାନକାରୀ ଦଳ ଅଧ୍ୟକ୍ଷ ତଥା ନୟାଗଡ଼ ଜିଲା ପ୍ରଭାରୀ ବିଭୂତି ଭୂଷଣ ମିଶ୍ର ଓ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ଫସଲହାନୀ ଯୋଗୁ ଭାଗଚାଷୀ ଧାନ ଜମିରେ ପ୍ରାଣ ହରାଇବା କଥା ସତ୍ୟ । ହେଲେ ଚାଷୀ ଆତ୍ମହତ୍ୟକୁ ଲୁଚାଇବାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଜିଲାପାଳ ପାରିବାରିକ କଳହରୁ ଆତ୍ମହତ୍ୟା ଦର୍ଶାଇ ଘଟଣାକୁ ଭିନ୍ନ ଦିଗ ଦେଇ ଖସି ଯିବାକୁ ଉଦ୍ୟମ କରିଛନ୍ତି । ଭାଗଚାଷୀ ଆତ୍ମହତ୍ୟା ପରେ ପରିବାର ସଦସ୍ୟ ମୃତଦେହକୁ ୪ ଘଣ୍ଟା ପରେ ସତ୍କାର କରିଥିଲେ । ହେଲେ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରାଇବାକୁ ନେଇ ନ ଥିଲା । ଭାଗଚାଷୀ ୨ ଲକ୍ଷ ଟଙ୍କାର ବ୍ୟାଙ୍କ ଲୋନ ସହ ହାତ ଉଧାରି କରିଥିଲେ । ଫସଲ ହାନୀ ଯୋଗୁ ଋଣ ପରିଶୋଧର ଚିନ୍ତା ଘାରିଥିଲା । ଏଣୁ ଆତ୍ମହତ୍ୟା ପରି ପଥକୁ ସେ ବାଛି ନେଇଥିଲେ । ଏ ଘଟଣା ରାଜ୍ୟସ୍ତରକୁ ଯିବ । ଭାଗଚାଷୀ ପରିବାର ନ୍ୟାୟ ନ ପାଇବା ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ କରିବ ବୋଲି ସେ କହିଛନ୍ତି ।

# ପରାମର୍ଶ ଶିବିରରେ ୧୭୩ ଜଣଙ୍କ ନାମ ପଞ୍ଜୀକୃତ



ପରାମର୍ଶ ଶିବିରରେ ମଞ୍ଚାସୀନ ଅତିଥି ।

ଗଣିଆ,୭।୧୧(ସନ୍ତୋଷ କୁମାର ପ୍ରଧାନ)

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ତରଫରୁ ନୟାଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣିଆ ବିଡିଓ ଡମ୍ବରୁଧର ମଲିକ, ଜିଲା ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ,ଏବିଡିଓ ରତନଲାଲ ଲୋହରା, ସିଡିପିଓ ଉଷାରାଣୀ ସାହୁ, ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ପ୍ରଶାନ୍ତ କୁମାର ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରାମର୍ଶ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର, ଜଟଣୀ,ନୟାଗଡ ଆଦି ସ୍ଥାନରୁ ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ବ୍ଲକର ବିଭିନ୍ନ ସ୍ଥାନରୁ ୧୭୩ଜଣ ଯୁବତୀ ଯୁବକ ଏହି ଶିବିରରେ ନିଜର ନାମ ପଞ୍ଜୀକରଣ କରିଥିଲେ ।

# ଗଞ୍ଜାମ ପୋଲିସ ଜିଲାର ଅପରାଧ ସମୀକ୍ଷା ବୈଠକ

ଛତ୍ରପୁର,୭।୧୧(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ସ୍ଥାନୀୟ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗଞ୍ଜାମ ପୋଲିସ ଜିଲାର ଅପରାଧ ସମୀକ୍ଷା ବୈଠକ ଏସପି ଜଗମୋହନ ମିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବାକୁ ଏସପି ନିର୍ଦ୍ଦେଶ ଦେଇଥିଲେ। ଥାନା ଅଞ୍ଚଳରେ ଦାଗି ଅପରାଧୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ କୁହାଯାଇଛି। ଏହା ସହିତ ଜେଲ ଫେରନ୍ତାମାନଙ୍କ ଉପରେ ମଧ୍ୟ ତୀକ୍ଷଣ ନଜର ରଖାଯିବା ସହିତ ସେମାନଙ୍କ କାର୍ଯ୍ୟକଳାପଗୁଡିକ ଉପରେ ଅନୁଧ୍ୟାନ କରିବାକୁ କୁହାଯାଇଛି । ଗ୍ରାମାଞ୍ଚଳରେ ବିଶୃଙ୍ଖଳାକାରୀମାନଙ୍କ ବିରୋଧରେ ୧୦୭ ଓ ୧୧୦ ସିଆରପିସି ମାମଲା ଜାରି କରିବା ପାଇଁ ମଧ୍ୟ କୁହାଯାଇଛି । ବିଭିନ୍ନ ଥାନା ଅଞ୍ଚଳଗୁଡିକରେ ଥିବା ଯୁଡ଼ି କେସଗୁଡିକର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଥିଲେ। ପୁରୁଣା ୱାରେଣ୍ଟ, ମାଦକ ଦ୍ରବ୍ୟ ଧରପଗଡ଼ ସହ ଯାନ ବାହାନ ଯାଞ୍ଚ କଡ଼ାକଡ଼ି କରିବା, ମଦୁଆ ଗାଡି ଚାଳକଙ୍କୁ ଗିରଫ କରିବା, ବିଶୃଙ୍ଖଳାକୁ ନଜରରେ ରଖି ଠିକ ସମୟରେ ଠିକଣା ସ୍ଥଳରେ ପହଞ୍ଚି ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏସପି ପରାମର୍ଶ ଦେଇଛନ୍ତି। ବିଭିନ୍ନ ଥାନାରେ ପଡିରହିଥିବା ମାମଲାଗୁଡିକର ତୁରନ୍ତ ଫଇସଲା କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମାମଲାର ତଦନ୍ତ ପ୍ରକ୍ରିୟା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇ ସମସ୍ତ ଦିଗ ଉପରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ସମସ୍ତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨୬ କେଜି ଗଞ୍ଜେଇ ଜବତ
### ୨ ମହିଳା ବ୍ୟବସାୟୀ ଜେଲ ଗଲେ

ନୟାଗଡ଼,୭।୧୧(ଲୋକନାଥ ମିଶ୍ର): ନୟାଗଡ଼ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଓ ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀ ନୂଆଗାଁ ଓ ଶିମିଳିସାହି ଛକ ଉପରେ ଚଢ଼ାଉ କରି ୨୬ କେଜି ଗଞ୍ଜେଇ ଜବତ କରିବା ସହ ୨ ମହିଳା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଦୁଇ ମହିଳା ବ୍ୟବସାୟୀଙ୍କ ଜାମିନ ନାମଞ୍ଜୁର ପରେ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି । କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡେଲାରପଡା ଗାଁର ବାସନ୍ତୀ ନାୟକ (୫୧) ଓ ପ୍ରଭାସିନି ନାୟକ(୫୧) ଗଞ୍ଜେଇ ଧରି ମଙ୍ଗଳବାର କନ୍ଧମାଳରୁ ବସରେ ଆସୁଥିଲେ । ନୟାଗଡ଼ ପୂର୍ବରୁ ଉଭୟେ ବସରୁ ଓହ୍ଲାଇ ପଡିଥିଲେ । ନୟାଗଡ଼ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ନୂଆଗାଁଠାରୁ ବାସନ୍ତୀ ନାୟକଙ୍କୁ କାବୁ କରି ୧୫ କେଜି ଗଞ୍ଜେଇ ଜବତ କରିଥିଲେ । ସେହିପରି ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀ ଶିମିଳିସାହି ଛକରୁ ପ୍ରଭାସିନି ନାୟକଙ୍କୁ ଗିରଫ କରି ୧୧ କେଜି ଗଞ୍ଜେଇ ଜବତ କରିଥିଲା । ଉଭୟଙ୍କ ନାଁରେ ୨ଟି ମାମଲା ରୁଜୁ ହୋଇଛି ।

# ମାଣ୍ଡିଆ ସଚେତନତା ରଥ ଉଦ୍‌ଘାଟିତ


ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ଗଣିଆ,୭।୧୧(ସନ୍ତୋଷ କୁମାର ପ୍ରଧାନ)

ମାଣ୍ଡିଆ ପରି ଏକ ପୁଷ୍ଟିକର ଖାଦ୍ୟ ଫସଲ ଚାଷ ଲୋପ ପାଇବାକୁ ବସିଥିବା ବେଳେ ରାଜ୍ୟ ସରକାର ଏହି ମାଣ୍ଡିଆ ଚାଷ ପାଇଁ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏପରିସ୍ଥଳେ ଚାଷୀଙ୍କ ମଧ୍ୟରେ ମାଣ୍ଡିଆ ଚାଷ ପାଇଁ ଉତ୍ସାହ ସୃଷ୍ଟି କରିବା ଓ ସଚେତନତା ସୃଷ୍ଟି କରିବା ପାଇଁ ମାଣ୍ଡିଆ ସଚେତନତା ରଥ ଶୁଭାରମ୍ଭ ହୋଇଛି । ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ଡମ୍ବରୁଧର ମଲିକ ପତାକା ଦେଖାଇ ମାଣ୍ଡିଆ ରଥକୁ ଉଦଘାଟନ କରି ରାଜ୍ୟ ସରକାରଙ୍କ ମାଣ୍ଡିଆ ପରି ଫସଲ ଚାଷ ପାଇଁ ମିଲେଟ ମିଶନ ଦ୍ୱାରା ଚାଷୀଙ୍କୁ ମିଳୁଥିବା ପ୍ରୋତ୍ସାହନ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଗଣିଆ ଉନ୍ନୟନ କମିଟି ତରଫରୁ ମାଣ୍ଡିଆ ଚାଷ ସଚେତନତା ରଥ ଆସନ୍ତା ୩ ଦିନ ଧରି ବିଭିନ୍ନ ସ୍ଥାନ ପରିକ୍ରମା କରି ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନତା ସୃଷ୍ଟି କରିବ । କାର୍ଯ୍ୟକ୍ରମକୁ ଗଣିଆ ଉନ୍ନୟନ କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ ।

# ୭ ସେବକ ପ୍ରେମୀଙ୍କୁ ମାଟି ଗୌରବ ସମ୍ମାନ

ରମ୍ଭା,୭।୧୧(ବନବାସୀ ସେଠୀ)

ମାଧ୍ୟମିକ ଶିକ୍ଷା ବିକାଶ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୋମରୟ ଫାଉଣ୍ଡେସନ ଭୁବନେଶ୍ୱର ପକ୍ଷରୁ ୭ ଜଣ ସେବକପ୍ରେମୀଙ୍କୁ 'ମାଟି ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ସେବକ ସଂଘର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବେହେରା, ସଭାପତି ହରେକୃଷ୍ଣ ମଲ୍ଲିକ, ଉପସଭାପତି ଗୋପନାଥ ବେହେରା, ସମ୍ପାଦକ ଜଗନ୍ନାଥ ଦାସ, କୋଷାଧ୍ୟକ୍ଷ ମହାଦେବ ମଲ୍ଲିକ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ବରିଷ୍ଠ ସଭ୍ୟ ହଳଧର ବେହେରାଙ୍କୁ ସମ୍ମାନିତ କରାଯାଇଛି। ଉକ୍ତ ମହୋତ୍ସବରେ ସୋମରୟ, ପ୍ରଦ୍ୟୁମ୍ନ



କାର୍ଯ୍ୟକ୍ରମରେ ଉପସ୍ଥିତ ସମ୍ବର୍ଦ୍ଧିତ ପ୍ରତିଭା।

ମହାପାତ୍ର, ଭବାନୀ ଶଙ୍କର ମହାପାତ୍ର, ଉଦ୍ୟୋଗପତି ତଥା ସମାଜସେବିକା ବନ୍ଦିତା ତ୍ରିପାଠୀ ଓ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ନିର୍ଦ୍ଦେଶକ ମହେଶ ହାଜରା ଓ ଖଲ୍ଲିକୋଟ ଡ଼ଃ ଏ.ପି.ଜେ.ଅବଦୁଲ କାଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ବିଧାୟକ ସୁରେଶ ରାଉତରାୟ ମଞ୍ଚାସିନ ଥିଲେ।

### ପାଲେଷ୍ଟାଇନ ସଂହତି ଦିବସ ପାଳିତ

ଛତ୍ରପୁର, ୭।୧୧(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ଲକ୍ଷ୍ମଣ ଭବନ ପରିସରରେ ମଙ୍ଗଳବାର ପାଲେଷ୍ଟାଇନ ସଂହତି ଦିବସ ଓ ଅକ୍ଟୋବର ବିପ୍ଳବ ଦିବସ ପାଳିତ ହୋଇଯାଇଛି। ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ) ଗଞ୍ଜାମ ଜିଲା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଆଇନଜୀବୀ ହରପ୍ରସାଦ ରଥ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ସଂଗଠନର ରାଜ୍ୟ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ପଣ୍ଡା ଭାରତ ଏବଂ ପାଲେଷ୍ଟାଇନ ମଧ୍ୟରେ ରହିଥିବା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଆଲୋକପାତ କରି ଇସ୍ରାଏଲ ଚଳାଇଥିବା ଅମାନବୀୟ ନରସଂହାର ତୁରନ୍ତ ବନ୍ଦ କରିବା ଦରକାର ବୋଲି କହିଥିଲେ।

# ସଚେତନତା ରଥ ଗଡ଼ିଲା

ଓଡ଼ଗାଁ, ୭।୧୧(ଆଦର୍ଶ କୁମାର ପଟ୍ଟନାୟକ ): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପରିସରରେ ପୃଷ୍ଟିସଭ୍ୟ ମାଣ୍ଡିଆକୁ ଓଡ଼ିଶାର ଚାଷଜମି ଏବଂ ଖାଦ୍ୟ ପ୍ରଣାଳୀ ଉଭୟରେ ବ୍ୟାପକ ପ୍ରଚଳନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ପତାକା ଦେଖାଇବା ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ୪ ଦିନଧରି ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗାଁକୁ ଯାଇ ଲୋକଙ୍କ ମଧ୍ୟରେ ମାଣ୍ଡିଆ ଚାଷ ଏବଂ ଏହାର ବିଭିନ୍ନ ବ୍ୟବହାର ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଏନେଇ ଓଡ଼ଗାଁ ବିଡ଼ିଓଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ,ଶିଶୁ ବିକାଶ ଅଧିକାରୀ , ବ୍ଲକ ମିଶନ ସଂଯୋଜିକା , ମିଶନଶକ୍ତି ମହିଳା ଉପସ୍ଥିତ ଥିଲେ । ସମସ୍ତଙ୍କୁ ନଭେମ୍ବର ୧୦ ମାଣ୍ଡିଆ ଦିବସ ପାଳନ ସମ୍ପର୍କରେ ବିଡ଼ିଓ ସୂଚନା ଦେବା ସହିତ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀରେ ଥିବା ପୁଷ୍ଟିକର ତଥ୍ୟ ସମ୍ପର୍କରେ ବୁଝାଇଥିଲେ । ଓଡ଼ିଶା ମିଲେଟ ମିଶନ ବ୍ଲକ ସଂଯୋଜକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହାର ବ୍ୟାପକ ପ୍ରଚାର ପ୍ରସାର ଲକ୍ଷ୍ୟ ରହିଥିବା ବେଳେ ଏନେଇ ସ୍ଥାନୀୟ ଖବରଦାତାଙ୍କୁ ଏଥିରୁ ଦୂରେଇ ରଖାଯିବା ନେଇ ପ୍ରାଶାସନିକ ଦକ୍ଷତା ନେଇ ସନ୍ଦେହ ଦେଖାଦେଇଛି ହେଲେ ଏ ସମ୍ପର୍କରେ ଜଣେ ଅଧିକାରୀଙ୍କୁ ମତାମତ ମାଗିବାରେ ସେ ଖବରଦାତାଙ୍କୁ ନ ଜଣାଇବା ନେଇ ବିଭାଗୀୟ ଅପାରଗତା ବୋଲି କହିବା ସହିତ ପରସ୍ପରକୁ ଦୋଷ ଲଦିଥିଲେ ।

# ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୁଗୁଡା,୭।୧୧(କାଳୀଚରଣ ଦାଶ)

ବୁଗୁଡା ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୧୫ତମ ଆନ୍ତଃମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିବା ବେଳେ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜ, କଲେଜ ସ୍ପୋର୍ଟସ୍ ଆସୋସିଏସନ ଉପସଭାପତି ସୁଶାନ୍ତ କୁମାର ସାହୁ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୧୧ଟି ମହାବିଦ୍ୟାଳୟର ମହିଳା ଦଳ ଅଂଶ ଗ୍ରହଣ କରିଥିଲେ। ମ୍ୟାଚଟି କନ୍ଧମାଳ କଲେଜ, ସାରଙ୍ଗଗଡ ଓ କଳିଙ୍ଗ କଲେଜ, ଜି.ଉଦୟଗିରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# କୋଦଳା କୋର୍ଟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

କୋଦଳା,୭।୧୧(ଅମିତ କୁମାର ପଟ୍ଟନାୟକ)

କୋଦଳା ବିଚାରାଳୟ ଏବଂ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ କୋର୍ଟ ପରିସରରେ କୋଦଳା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗୋଛାୟତ ଏବଂ ପ୍ରଥମ ଶ୍ରେଣୀ ବିଚାରପତି ବିମଳା ଲକ୍ଷ୍ମୀ ଚୌଧୁରୀଙ୍କ ଉପସ୍ଥିତରେ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରିଥିଲେ। ଏଥିରେ ଓକିଲ ସଂଘ ଉପସଭାପତି ଅବନୀ ଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ସାହୁ, ଭଗବାନ ହୋତା, ପ୍ରଫୁଲ କୁମାର ମିଶ୍ର, ନୀଳାଞ୍ଚଳ ପଲାଇଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସେହିପରି କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା, ବିଦ୍ୟାଳୟ ଶିକ୍ଷାକମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡୀଙ୍କ ଉପସ୍ଥିତିରେ ଦୁର୍ନୀତି ନିବାରଣ ପାଇଁ ଶପଥ କରିଥିଲେ। ଏଥିରେ ଜେଆରସି, ସ୍କାଉଟ ଏବଂ ଗାଇଡ଼ର ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ଶିକ୍ଷକ ଶରତ ଚନ୍ଦ୍ର ଜାଲି, ଆରତୀ ଦୋରା, ଅଶୋକ ପଳତା, ସରସ୍ୱତୀ ନାୟକ, ମଧୁସୂଦନ ମିଶ୍ର, ଅଜିତା ମହାପାତ୍ର, ପ୍ରକାଶ କହଁର ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ଦ୍ଧାରିତ ସମୟରେ ୩୦ ପ୍ରତିଶତ କାମ

### ଗୋଟିଏ ପଟେ ରାସ୍ତା, ଅନ୍ୟପଟେ ଲାଗିଛି ହୋର୍ଡ଼ିଂ

ଭଞ୍ଜନଗର,୭।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଚାଲିଥିବା ଭଞ୍ଜନଗର–କୁଲାଡ଼, ତିଳିସିଙ୍ଗି–ଗାଲେରୀ, ଗାଲେରୀ –ବଦାଙ୍ଗି ରାସ୍ତା କାମ ମନ୍ଥର ଗତିରେ ଚାଲିଥିବା ନେଇ ଅଭିଯୋଗ ହେଉଛି। ଦୁଇଟି କାମର ଚୁକ୍ତି ସମୟ ସରିଗଲାଣି। କିନ୍ତୁ କାମ ସରିବାକୁ ନାହିଁ। ପୂର୍ତ୍ତ ବିଭାଗ ବାରମ୍ବାର ସମୟ ବଢ଼ାଉଛି। ୩ଟି ଯାକ କାମ ପାଇଁ ୫୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେଉଛି। ଇତିମଧ୍ୟରେ ମୁଜାଗଡ଼ ଭାୟା ବାହାଡ଼ପଦର ଲାଲସିଙ୍ଗି ରାସ୍ତା କାମ ମଧ୍ୟ ମନ୍ଥର ଗତିରେ ଚାଲିଥିବା ଜଣାପଡ଼ିଛି। ଉକ୍ତ କାମ ଗତ ୩୧ ତାରିଖ ସୁଦ୍ଧା ସରିବା ପାଇଁ ଚୁକ୍ତିନାମା ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ମାତ୍ର ୩୦ ପ୍ରତିଶତ ହୋଇଥିବା ଅନୁମାନ କରାଯାଉଛି। ଏନେଇ ୧୬ କୋଟି



ଓଡିଆର୍ ହୋର୍ଡ଼ିଂ ଜାତୀୟ ରାଜପଥରେ ଲାଗିଛି ।

୬୫ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ବର୍ତ୍ତମାନ ସୁଧା ମୁଜାଗଡ଼ ଠାରୁ ସମାପଲ୍ଲୀ ପର୍ଯ୍ୟନ୍ତ କାମ ହୋଇଛି। ମଝିରେ ମଝିରେ କାମ ହୋଇନାହିଁ। ଗ୍ରାମାଞ୍ଚଳରେ ଗମନାଗମନରେ ସୁଧାର ଆଣିବା ପାଇଁ ସରକାର ଅନ୍ୟ ଜିଲା ସଡକ (ଓଡିଆର୍) ଯୋଜନାରେ ଉକ୍ତ କାମ ଆଜକୁ ଦୁଇବର୍ଷ ହେବ ଚାଲିଛି। କିନ୍ତୁ କାମ ସରିବାକୁ ନାହିଁ। ଫଳରେ ଲୋକେ ଯୋଜନାର ସୁଫଳ ନିର୍ଦ୍ଧାରିତ ସମୟରେ ପାଇ ପାରୁନାହାନ୍ତି। ଅପରପକ୍ଷେ ଯେଉଁ ଅଞ୍ଚଳ ଦେଇ ରାସ୍ତା ଯାଇଛି ସମ୍ପୃକ୍ତ ରାସ୍ତାରେ ଲୋକେ ଯୋଜନା ସମ୍ପର୍କରେ ଜାଣିବା ପାଇଁ ହୋର୍ଡ଼ିଂ ମରାଯିବା କଥା। କିନ୍ତୁ ତାହା ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥ କଡର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ କଡରେ ମରାଯାଇଛି। ରାସ୍ତା ଗୋଟେ ପଟେ ଥିବା ବେଳେ ହୋର୍ଡ଼ିଂ ଅନ୍ୟ ରାସ୍ତାରେ ମରାଯାଇଛି। ଉକ୍ତ ହୋର୍ଡ଼ିଂକୁ ମଧ୍ୟ ଗତ ଅଗଷ୍ଟ ମାସ ୨୫ ତାରିଖରେ ମରାଯାଇଛି। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ନାୟକ କହିଛନ୍ତି, ରାସ୍ତା କାମ କିଭଳି ତୁରନ୍ତ ସରିବ ସେନେଇ ପଦକ୍ଷେପ ନିଆଯାଇଛି। କାମ ସରିବା ପାଇଁ ଠିକାଦାରଙ୍କୁ ଆଉ ଦୁଇ ମାସ ସମୟ ଦିଆଯାଇଛି। ଦୁଇ ମାସ ମଧ୍ୟରେ କାମ ସରିବା ଲକ୍ଷ୍ୟ ରଖାଯାଇଛି। ହୋର୍ଡ଼ିଂ ଭୁଲ ସ୍ଥାନରେ ଲଗାଯାଇଛି। ତାହାକୁ ବଦଳାଇବା ପାଇଁ ପଦକ୍ଷେପ ନିଆଯିବ।

